# ଭାଗ-କ

## ଅଧ୍ୟାୟ 1

## ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ବିହଙ୍ଗାବଲୋକନ

# ଅଧ୍ୟାୟ I

## ବିଭାଗ କ
## ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍ଆଇ) ଗୁଡ଼ିକର କାର୍ଯ୍ୟକାରିତାର ବିହଙ୍ଗାବଲୋକନ

### *1.1 ଉପକ୍ରମ*

ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, 1948 ନିୟମ ପ୍ରଣୟନ ସହିତ ଓଡ଼ିଶାରେ 1948 ମସିହାରୁ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍ଆଇ) ଗୁଡ଼ିକର ସୃଷ୍ଟି ହୋଇଥିଲା । ପରବର୍ତ୍ତୀ ସମୟରେ 1961 ମସିହାରେ ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ ଓ ଜିଲ୍ଲା ପରିଷଦ ଅଧିନିୟମ 1959 ପ୍ରବର୍ତ୍ତନ ହେବାରୁ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସ୍ଥାପିତ ହେଲା । ସ୍ୱୟତ୍ତ ଭାବରେ ପିଆରଆଇଗୁଡ଼ିକ ଗ୍ରାମାଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ସାମାଜିକ ନ୍ୟାୟକୁ ନିଶ୍ଚିତ କରିବା, କ୍ଷମତାପନ୍ନ କରିବା ପାଇଁ ଉପରୋକ୍ତ ଅଧିନିୟମ ଗୁଡ଼ିକୁ ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ, 1992 ଅନୁସାରେ ଅନୁସାରେ ସଂଶୋଧନ କରାଯାଇଥିଲା ।


**ସାରଣୀ 1.1: ରାଜ୍ୟର ପାର୍ଶ୍ୱଚିତ୍ର**

| ସଙ୍କେତକ | ରାଜ୍ୟ ପରିସଂଖ୍ୟାନ | ଏକକ |
|---|---|---|
| କ୍ଷେତ୍ରଫଳ | 1,55,707 | ବର୍ଗ କିଲୋମିଟର |
| ତହସିଲ | 317 | ସଂଖ୍ୟା |
| ଗ୍ରାମ | 51,349 | ସଂଖ୍ୟା |
| ମୋଟ ଜନସଂଖ୍ୟା (ଜନଗଠଣନା 2011) | 419.74 | ଲକ୍ଷ |
| ଗ୍ରାମାଞ୍ଚଳ ଜନସଂଖ୍ୟା | 83 | ପ୍ରତିଶତ |
| ଗ୍ରାମାଞ୍ଚଳ ଲିଙ୍ଗ ଅନୁପାତ | 989 | 1,000 ପୁରୁଷ ପ୍ରତି |
| ସାନ୍ଦ୍ରତା | 270 | ବ୍ୟକ୍ତି/ ବର୍ଗ କିଲୋମିଟର |
| ପୁରୁଷ ସାକ୍ଷରତା | 81.59 | ପ୍ରତିଶତ |
| ମହିଳା ସାକ୍ଷରତା | 64.01 | ପ୍ରତିଶତ |
| ଗ୍ରାମାଞ୍ଚଳ ସାକ୍ଷରତା ହାର | 70.22 | ପ୍ରତିଶତ |
| ଅନୁସୂଚିତ ଜାତି ଜନସଂଖ୍ୟା | 17.13 | ପ୍ରତିଶତ |
| ଅନୁସୂଚିତ ଜନଜାତି ଜନସଂଖ୍ୟା | 22.85 | ପ୍ରତିଶତ |
| ଜିଲ୍ଲା ପରିଷଦ | 30 | ସଂଖ୍ୟା |
| ପଞ୍ଚାୟତ ସମିତି | 314 | ସଂଖ୍ୟା |
| ଗ୍ରାମ ପଞ୍ଚାୟତ | 6,794 | ସଂଖ୍ୟା |
| ମୋଟ ଗ୍ରାମ | 61,313 | ସଂଖ୍ୟା |

***(ଉତ୍ସ: ଭାରତର ଜନଗଣନା 2011 ଓ ପିଆର୍ ଏବଂ ଡିଡବ୍ଲୁ ବିଭାଗ ଦ୍ୱାରା ପ୍ରଦତ୍ତ ସୂଚନା)***

### *1.2 ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସାଙ୍ଗଠନିକ ବ୍ୟବସ୍ଥା*

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ତିନୋଟି ସ୍ତରରେ ବିଭକ୍ତ କରାଯାଇଛି, ଯଥା: ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି(ପିଏସ୍) ଏବଂ ଗ୍ରାମ ପଞ୍ଚାୟତ (ଜିପି), ପିଆରଆଇ ଗୁଡ଼ିକର ସାଙ୍ଗଠନିକ ବ୍ୟବସ୍ଥାକୁ ପରପୃଷ୍ଠାରେ ସୂଚିତ କରାଗଲା ।





ପିଆର୍ଆଇର ତିନୋଟି ଯାକ ସ୍ତର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ପିଆର୍ଆଇଆଣ୍ଡଡିଡବ୍ଲୁ)ର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରନ୍ତି, ଯାହାର ମୁଖ୍ୟ ସଚିବ ଅଟନ୍ତି । ରାଜ୍ୟ ସ୍ତରରେ ତାଙ୍କୁ ନିର୍ଦ୍ଦେଶକ (ପଞ୍ଚାୟତିରାଜ), ନିର୍ଦ୍ଦେଶକ (ସତନ୍ତ୍ର ପ୍ରକଳ୍ପ) ଓ ନିର୍ଦ୍ଦେଶକ, ପାନୀୟ ଜଳ ଏବଂ ପରିମଳ ସହଯୋଗ କରନ୍ତି ।

ରାଜ୍ୟର ସମସ୍ତ 30 ଟି ଜିଲ୍ଲାରେ ଗୋଟିଏ ଲେଖାଏଁ ଜିଲ୍ଲା ପରିଷଦ (ଜେଡ୍ପି) ଅଛି । ଜିଲ୍ଲା ପରିଷଦକୁ ଏକ ନିର୍ବାଚିତ ନିକାୟ ପରିଚାଳନା କରେ, ଯାହାର ଅଧକ୍ଷ ଜିଲ୍ଲା ପରିଷଦର ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ନିର୍ବାଚିତ ହୁଅନ୍ତି । ଜିଲ୍ଲାପାଳ ପରିଷଦର ପଦପ୍ରଯୁକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ କାଯ୍ୟ କରନ୍ତି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପରିଷଦ (ଡିଆର୍ଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ ପଦପ୍ରଯୁକ୍ତ ନିର୍ବାହୀ ଅଧିକାରୀ (ଇଓ) ଭାବରେ ଜିଲ୍ଲା ପରିଷଦର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ତୁଲାଇଥାନ୍ତି ।

ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଥିବା ପଞ୍ଚାୟତ ସମିତି ସଭାଧକ୍ଷଙ୍କ ଅଧକ୍ଷତାରେ ଏକ ନିର୍ବାଚିତ ସଂସ୍ଥା ଦ୍ୱାରା ପରିଚାଳିତ ହୁଏ । ସଭାଧକ୍ଷ ବ୍ଲକର ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ଯଥାବିଧି ନିର୍ବାଚିତ ହୁଅନ୍ତି । ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ପଞ୍ଚାୟତ ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାବରେ କାର୍ଯ୍ୟ କରନ୍ତି ।

ଗ୍ରାମ ପଞ୍ଚାୟତ ସ୍ତରରେ ସରପଞ୍ଚଙ୍କ ଅଧକ୍ଷତାରେ ନିର୍ବାଚିତ ସଭ୍ୟ ମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ଗଠନ ହୋଇଥାଏ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ବିଡିଓଙ୍କ ପର୍ଯ୍ୟବେକ୍ଷଣରେ ନିଜର ଦାୟିତ୍ୱ ସଂପାଦନ କରିଥାନ୍ତି । ସେ ଗ୍ରାମ ପଞ୍ଚାୟତର ସାଧାରଣ ଅଧିକ୍ଷଣ ଏବଂ ସାମୁହିକ ନିୟନ୍ତ୍ରଣ ପାଇଁ ଉତ୍ତରଦାୟୀ ଅଟନ୍ତି ।

ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସମସ୍ତ ସ୍ତର ନିମନ୍ତେ ଶେଷ ଥର ନିର୍ବାଚନ ଫେବୃଆରୀ 2022 ରେ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ଅନୁଷ୍ଠାନର ନିର୍ବାଚିତ ନିକାୟର ଗଠନ ପ୍ରକ୍ରିୟା ନିମ୍ନରେ ପ୍ରଦତ୍ତ ହେଲା: -



## 1.3 ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା

ସମ୍ବିଧାନର ଧାରା 243 ରେ ରାଜ୍ୟ ସରକାରଙ୍କଠାରୁ କ୍ଷମତା, ସମ୍ବଳ ଏବଂ ଦାୟିତ୍ୱ ନିର୍ବାଚିତ ସ୍ଥାନୀୟ ନିକାୟମାନଙ୍କୁ ହସ୍ତାନ୍ତର କରିବା ନିମନ୍ତେ ବିଧି ବିହିତ କରାଯାଇଛି । ଏଥିରେ ଭାରତୀୟ ସମ୍ବିଧାନର ଏକାଦଶ ଅନୁସୂଚୀରେ ଥିବା 29 ଟି କାର୍ଯ୍ୟବିଧିକୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ଆଇନ୍ ପ୍ରଣୟନ/ ମୂଳ ଆଇନକୁ ସଂଶୋଧନ କରିବା ନିମନ୍ତେ ରାଜ୍ୟ ବିଧାନ ସଭାକୁ କ୍ଷମତା ଅର୍ପଣ କରାଯାଇଅଛି । ଏହାଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନ ଗ୍ରାମ୍ୟ ଜୀବନର ଅର୍ଥନୈତିକ ପ୍ରଗତି ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଣୟନର ଏକ ମଞ୍ଚ ଭାବରେ ଉଭା ହୋଇପାରିବେ ।

ରାଜ୍ୟ ସରକାର 19 ଟି ବିଭାଗର 29 ଟି କାର୍ଯ୍ୟବିଧି ମଧ୍ୟରୁ 11 ଟି ବିଭାଗର 21 ଟି କାର୍ଯ୍ୟବିଧିକୁ ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତର କରିଛି ***(ପରିଶିଷ୍ଟ 1.1)*** । କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ରାଜ୍ୟ ଅର୍ଥ ଆୟୋଗଙ୍କ ଦ୍ୱାରା ସୁପାରିଶ କରିଥିବା ପାଣ୍ଠି ସହିତ ରାଜ୍ୟ ସରକାର ମଧ ପାଣ୍ଠି ପ୍ରଦାନ କରିଥାଆନ୍ତି । ଏହି ପାଣ୍ଠି ଗୁଡ଼ିକ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ସଂପାଦନ ପାଇଁ ଉଦ୍ଦିଷ୍ଟ ।

## 1.4 ପିଆର୍ଆଇଗୁଡ଼ିକର କର୍ମଚାରୀ ନିଯୁକ୍ତି ପଦ୍ଧତି

ଜିଲ୍ଲାପାଳ ଜିଲ୍ଲା ପରିଷଦର ପ୍ରମୁଖ କାର୍ଯ୍ୟନିର୍ବାହୀ ଅଧିକାରୀ ଅଟନ୍ତି । ସେ ସେହିସବୁ କାର୍ଯ୍ୟ ସମ୍ପାଦନ ଏବଂ କ୍ଷମତା ପ୍ରୟୋଗ କରିଥାନ୍ତି, ଯାହା ବିହିତ ହୋଇଥାଏ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଜିଲ୍ଲା ପରିଷଦର ପଦପ୍ରଯୁକ୍ତ ସଚିବ ଅଟନ୍ତି । ପ୍ରତ୍ୟେକ ବ୍ଲକର ମୁଖ୍ୟ ଜଣେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଅଟନ୍ତି, ଯାହାଙ୍କୁ ଜଣେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ସହାୟତା କରିଥାନ୍ତି ।

ସେହିପରି, ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ମୁଖ୍ୟ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀର ଅଟନ୍ତି, ଯିଏକି ଜଣେ ରାଜ୍ୟ ସରକାରୀ କର୍ମଚାରୀ । ସେ ଗ୍ରାମ ପଞ୍ଚାୟତ ବୈଠକର ବିବରଣୀ ନଥିପତ୍ରର ରକ୍ଷଣାବେକ୍ଷଣ କରିଥାନ୍ତି । ସେ ମଧ ସେହି ସମସ୍ତ ନଥିପତ୍ର ଏବଂ ଦସ୍ତାବିଜ, ନଗଦ ଅର୍ଥ ଏବଂ ମୂଲ୍ୟବାନ ସମ୍ପତ୍ତିର ଜିମାଦାର ଅଟନ୍ତି । ସେ ମଧ ନିଧାର୍ଯ୍ୟ କରାଯାଇଥିବା ଅନ୍ୟାନ୍ୟ କ୍ଷମତାର ସଦୁପଯୋଗ କରିବା ସହ ଅନ୍ୟାନ୍ୟ ଦାୟିତ୍ୱ ନିର୍ବାହ କରିବା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ପାଳନ କରନ୍ତି ।

ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ମାନଙ୍କରେ ମଞ୍ଜୁରୀପ୍ରାପ୍ତ ପଦବୀ ଓ ଅଧିକୃତ ପଦବୀ ***ସାରଣୀ 1.2*** ରେ ପ୍ରଦତ୍ତ ହେଲା ।

***ସାରଣୀ 1.2: ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତରେ ଥିବା ମଞ୍ଜୁରୀ ପ୍ରାପ୍ତ ପଦବୀ ଓ ଅଧିକୃତ ପଦବୀର ବିବରଣୀ***

| ପଦବୀ | ମଞ୍ଜୁରୀ ପ୍ରାପ୍ତ ପଦବୀ | ଅଧିକୃତ ପଦବୀ | ଶୂନ୍ୟ ପଦବୀ (ପ୍ରତିଶତ) |
|---|---|---|---|
| ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) | 314 | 308 | 6 (2) |
| ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) | 314 | 204 | 110 (35) |
| କନିଷ୍ଠ ଯନ୍ତ୍ରୀ (ଜେଇ)/ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ (ଜିପିଟିଏ) | 3,606 | 1,893 | 1,713(48) |
| ପଞ୍ଚାୟତ ସଂପ୍ରସାରଣ ଅଧିକାରୀ | 6,799 | 4,896 | 1,903 (28) |

***(ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା)***

ଉପରୋକ୍ତ ସାରଣୀରୁ ଦେଖାଯାଏ ଯେ ପଞ୍ଚୟତ ସମିତି ଗୁଡ଼ିକରେ 35 ପ୍ରତିଶତ ଏବଡିଓ ପଦବୀ ଓ ଗ୍ରାମ ପଞ୍ଚାୟତଗୁଡ଼ିକରେ 48 ପ୍ରତିଶତ ଜେଇ/ ଜିପିଟିଏ ଏବଂ 28 ପ୍ରତିଶତ ପିଇଓ ପଦବୀ ଖାଲିଥିଲା । ଏଗୁଡ଼ିକ ପ୍ରଶାସନିକ ସମ୍ବନ୍ଧୀୟ ପଦବୀ ଥିଲା ଏବଂ ବହୁଳ ପରିମାଣର ଖାଲି ପଦବୀ ପିଆର୍ଆଇର କାର୍ଯ୍ୟକାରିତାକୁ ପ୍ରଭାବିତ କରିବାର ସମ୍ଭାବନା ରହିଥିଲା ।

## *1.5 ବିଭିନ୍ନ କମିଟିର କାର୍ଯ୍ୟକାରିତା*

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ନିଷ୍ପାଦନ ପାଇଁ ସାତଟି ସ୍ଥାୟୀ କମିଟିସବୁ ପ୍ରତ୍ୟେକ ସ୍ତରରେ ଗଠନ କରାଯାଇଥାଏ (ପ୍ରତ୍ୟେକ ଜିଲ୍ଲାପରିଷଦ, ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ) ଯାହାର ସଭାଧ୍ୟକ୍ଷ ଏବଂ ସଚିବ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ବଛାଯାଏ । ***ପରିଶିଷ୍ଟ 1.2*** ରେ ସ୍ଥାୟୀ କମିଟିର ଭୂମିକା ଏବଂ ଦାୟିତ୍ୱ ଉଲ୍ଲେଖ କରାଯାଇଛି ।

ପୁନଶ୍ଚ, ଗ୍ରାମ ଉନ୍ନୟନ ମନ୍ତ୍ରାଳୟ (ଜୁଲାଇ 2016) ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା), ତତ୍‌କାଳିକ ସତର୍କତା ପର୍ଯ୍ୟାଲୋଚନ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲା । ଦିଶା କମିଟିଗୁଡ଼ିକ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ (କ) ବ୍ୟୟ ଗୁଡ଼ିକର ମୂଲ୍ୟବୋଧ ନିଶ୍ଚିତତା (ଖ) ବିଭିନ୍ନ ଯୋଜନାଗୁଡ଼ିକରେ ପବ୍ଲିକ୍ ପାଣ୍ଠିର ବହୁଳ ବ୍ୟବହାର (ଗ) ଯୋଜନା ଗୁଡ଼ିକର ନିର୍ଦ୍ଦେଶିତ ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟକାରୀ ଏବଂ (ଘ) ବିଭିନ୍ନ କାର୍ଯ୍ୟକ୍ରମରେ ସିନେର୍ଜି ଓ କନ୍‌ଭର୍ଜେନ୍ସିର ବ୍ୟବହାର ଇତ୍ୟାଦିକୁ ଅନୁଧ୍ୟାନ କରିବେ ।

ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ଦିଶା କମିଟିର ସଭାଧ୍ୟକ୍ଷ ଏବଂ ସଚିବ, ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗର ସଭ୍ୟସଚିବ ରହିବେ । ଅନ୍ୟାନ୍ୟ ସଭ୍ୟମାନଙ୍କ ମଧ୍ୟରେ ଚାରି ଜଣ ଲୋକସଭା ସଭ୍ୟ, ଜଣେ ରାଜ୍ୟ ସଭା ସଭ୍ୟ, ଛଅ ଜଣ ବିଧାନ ସଭା ସଭ୍ୟ ଏବଂ ବିଭାଗୀୟ ସଚିବମାନେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଦାୟୀ ରହିବେ । କମିଟି ପ୍ରତି ଛଅ ମାସରେ ଅତିକମରେ ଥରେ ବସିବା ଆବଶ୍ୟକ ।

ଜିଲ୍ଲା ସ୍ତରୀୟ ଦିଶା କମିଟିର ସଭାଧ୍ୟକ୍ଷ ଜିଲ୍ଲାରୁ ନିର୍ବାଚିତ ଜଣେ ଲୋକସଭା ସଭ୍ୟ ହେବେ । ଅନ୍ୟାନ୍ୟ ଏମ୍‌ପିମାନେ ସହଯୋଗୀ ସଭାଧ୍ୟକ୍ଷ ଭାବେ ଉଲ୍ଲେଖିତ ହେବେ । ଜିଲ୍ଲାପାଳ ସଭ୍ୟ ସଚିବ ରୂପେ କାର୍ଯ୍ୟ କରିବେ । ଅନ୍ୟାନ୍ୟ ସଭ୍ୟମାନଙ୍କ ମଧ୍ୟରେ, ଜିଲ୍ଲାର ସମସ୍ତ ନିର୍ବାଚିତ ବିଧାନ ସଭା ସଭ୍ୟ, ଜଣେ ରାଜ୍ୟ ସରକାରଙ୍କର ପ୍ରତିନିଧି, ପାଞ୍ଚ ଜଣ ଗ୍ରାମ ପଞ୍ଚାୟତ ମୁଖ୍ୟ, ଜିଲ୍ଲା ପରିଷଦର ସଭାଧ୍ୟକ୍ଷ, ପଞ୍ଚାୟତ ସମିତିର ସଭାଧ୍ୟକ୍ଷ, ପ୍ରକଳ୍ପ ନିର୍ଦ୍ଦେଶକ, ଡିଆର୍‌ଡିଏ, ଜିଲ୍ଲା ସ୍ତରୀୟ ସମସ୍ତ କାର୍ଯ୍ୟର ନୋଡାଲ କାର୍ଯ୍ୟକାରିଣୀ ଏବଂ ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ ଅଧିକାରୀମାନଙ୍କୁ ନେଇ ଗଠିତ ହେବ । କମିଟିର ବୈଠକ ଅତିକମରେ ତିନି ମାସରେ ଥରେ ହେବା ଦରକାର ।


2020-21 ବର୍ଷ ମଧ୍ୟରେ ରାଜ୍ୟ ସ୍ତରରେ କୌଣସି ଦିଶା ସଭା ହୋଇନଥିଲା । ଜିଲ୍ଲା ସ୍ତରରେ ହେବାକୁ ଥିବା ଚାରୋଟି ସଭାରୁ 20 ଜିଲ୍ଲାରେ ଗୋଟିଏ ଲେଖାଏଁ ସଭା ଏବଂ ତିନୋଟି ଜିଲ୍ଲାରେ ଦୁଇଟି ଲେଖାଏଁ ସଭା ହୋଇଥିଲା । ସାତଟି ଜିଲ୍ଲାରେ କୌଣସି ସଭା ହୋଇନଥିଲା ।

## *1.6 ପାଣ୍ଠିର ପ୍ରବାହିତ ବ୍ୟବସ୍ଥା*

ରାଜ୍ୟରେ ପିଆର୍‌ଆଇ ଗୁଡ଼ିକର ପାଣ୍ଠିର ମୁଖ୍ୟ ଉତ୍ସ ହେଲା କେନ୍ଦ୍ର ସରକାରଙ୍କର ବିଭିନ୍ନ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା । ଏଗୁଡ଼ିକ ହେଲା (କ) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) (ଖ) ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) (ଗ) ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନ୍‌ଆର୍‌ଏଲ୍‌ଏମ୍), (ଘ) ସ୍ୱଚ୍ଛ ଭାରତ ମିଶନ (ଏସ୍‌ବିଏମ୍), (ଙ) ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ (ଏନ୍‌ଆର୍‌ଡବ୍ଲୁଡିପି) ଇତ୍ୟାଦି । ରାଜ୍ୟ ଅର୍ଥ ଆୟୋଗ (ଏସ୍‌ଏଫ୍‌ସି) ଏବଂ କେନ୍ଦ୍ରୀୟ ଅର୍ଥ ଆୟୋଗ (ସିଏଫ୍‌ସି) ଦ୍ୱାରା ସୁପାରିଶ କ୍ରମେ ମିଳୁଥିବା ଅନୁଦାନ ମଧ୍ୟ ଏହି ଉତ୍ସରୁ ଏକ ଅଂଶ । ରାଜ୍ୟ ପ୍ରାୟୋଜିତ ଯୋଜନା ତଥା ବିଜୁ ପକ୍କା ଘର ଯୋଜନା ( ବିପିଜିୱାଇ) ଏବଂ ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିୱାଇ)ରେ ମଧ୍ୟ ପାଣ୍ଠି ପ୍ରାପ୍ତ ହୋଇଥିଲା ।

କେନ୍ଦ୍ର ସରକାର (ଜିଓଆଇ) ଏବଂ ଓଡ଼ିଶା ସରକାର (ଜିଓଓ) ଙ୍କ ବିଭିନ୍ନ ଯୋଜନାରେ ପିଆର୍‌ଆଇଗୁଡ଼ିକୁ ମିଳିଥିବା ପାଣ୍ଠି ଓ ଓଡ଼ିଶା ସରକାରଙ୍କଠାରୁ ମିଳିଥିବା ସହାୟକ ଅନୁଦାନ ସ୍ଥିତି **ଚାର୍ଟ *1.1*** ଓ **ସାରଣୀ *1.3*** ରେ ପ୍ରଦତ୍ତ ହେଲା ।

*ଚାର୍ଟ 1.1: ପିଆରଆଇମାନଙ୍କ ପାଖରେ **2016-21** ମଧ୍ୟରେ ଉପଲବ୍ଧ ନିଧି*




***ସାରଣୀ 1.3: ପିଆର୍‌ଆଇ ଗୁଡ଼ିକ ପାଖରେ 2016-17 ରୁ 2020-21 ମଧ୍ୟରେ ଉପଲବ୍ଧ ପାଣ୍ଠିର ବିବରଣୀ***

***(ଟଙ୍କା କୋଟିରେ)***


| ପରିକଳ୍ପନା | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ଆଇଏୱାଇ/ପିଏମ୍ଏୱାଇ/ବିପିଜିୱାଇ | 3,190.88 | 4,004.64 | 4,502.92 | 3,496.38 | 4,628.76 |
| ଏମ୍‌ଜିଏନ୍‌ଆର୍‌ଇଜିଏସ୍ | 732.11 | 810.86 | 891.97 | 989.32 | 1,600.14 |
| ଏନ୍‌ଆର୍‌ଏଲ୍‌ଏମ୍ | 216.75 | 493.49 | 610.29 | 897.19 | 804.63 |
| ଆର୍‌ୟୁଆର୍‌ବି ଏଣ୍ଡ ମିଶନ | 62.28 | 466.33 | 22.50 | 9.00 | 18.00 |
| ଜିଜିୱାଇ | 1,000.00 | 300.00 | 500.00 | 00 | 00 |
| ଏନ୍‌ଆର୍‌ଡିଡବ୍ଲୁପି | 00 | 00 | 253.35 | 720.97 | 1,204.01 |
| ଏସ୍‌ବିଏମ୍ | 00 | 00 | 1,986.97 | 2,336.27 | 80.96 |
| ଏସ୍‌ଏଫ୍‌ସି/ କ୍ଲଷ୍ଟର ହାଉସ୍/ ସିସି ରୋଡ୍ | 1,358.67 | 1,509.07 | 1,646.08 | 1,762.18 | 2,472.26 |
| ସିଏଫ୍‌ସି ଅନୁଦାନ | 1,496.64 | 1,528.71 | 1,768.44 | 2,585.94 | 2,258.00 |
| **ମୋଟ** | **8,057.33** | **9,113.10** | **12,182.52** | **12,797.25** | **13,066.76** |

***(ଉତ୍ସ: ପଞ୍ଚାୟତିରାଜ ଓ ତିଦଜ୍ଲ ବିଭାଗ)***


ସାରଣୀ 1.3 ରୁ ଜଣାଗଲା ଯେ 2020-21 ଆର୍ଥିକ ବର୍ଷରେ 2016-17 ଆର୍ଥିକ ବର୍ଷ ତୁଳନାରେ ବ୍ୟୟ 62 ପ୍ରତିଶତ ବୃଦ୍ଧି ହୋଇଥିଲା । ଅଧିକ ବୃଦ୍ଧି ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏନ୍‌ଆର୍‌ଏଲ୍‌ଏମ୍, ଅର୍ଥ ଆୟୋଗ ଅନୁଦାନ (ଏଫ୍‌ସି) ଏବଂ ଏନ୍‌ଆର୍‌ଡିଡବ୍ଲୁପିରେ ହୋଇଥିଲା ।

ଶେଷ ପାଞ୍ଚ ବର୍ଷ ମଧ୍ୟରେ ପିଆର୍‌ଆଇଙ୍କ ପାଇଁ ଯୋଜନା ଏବଂ ଅଣ-ଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା ***ଚାର୍ଟ 1.2, 1.3*** ଏବଂ ***ସାରଣୀ 1.4*** ରେ ଦର୍ଶାଗଲା ।

***ଚାର୍ଟ 1.2: ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ 2016-21 ମଧ୍ୟରେ ଯୋଜନା କ୍ଷେତ୍ରରେ ବଜେଟ ବ୍ୟବସ୍ଥା ଏବଂ ନିଧି ପ୍ରଦାନ***



*ଚାର୍ଟ 1.3 : ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ 2016-21 ମଧ୍ୟରେ ଅଣ-ଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା ଏବଂ ଅର୍ଥ ପ୍ରଦାନ*




*ସାରଣୀ 1.4: ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ ଶେଷ ପାଞ୍ଚ ବର୍ଷ ମଧ୍ୟରେ ଯୋଜନା ଏବଂ ଅଣଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା*

*(ଟଙ୍କା କୋଟିରେ)*

| ବର୍ଷ | ଯୋଜନା | | ଅଣଯୋଜନା | |
|---|---|---|---|---|
| | ବଜେଟ୍ ବ୍ୟବସ୍ଥା | ପ୍ରଦାନ (ପ୍ରତିଶତରେ) | ବଜେଟ୍ ବ୍ୟବସ୍ଥା | ପ୍ରଦାନ (ପ୍ରତିଶତରେ) |
| 2016-17 | 5,883.70 | 5,259.88 (89) | 3,127.18 | 3,086.32 (99) |
| 2017-18 | 9,855.94 | 7,774.10 (79) | 3,789.64 | 3,407.57(90) |
| 2018-19 | 12,744.02 | 11,958.62(94) | 4,132.07 | 3,769.64 (91) |
| 2019-20 | 14,280.68 | 12,144.42 (85) | 5,416.18 | 4,712.89(87) |
| 2020-21 | 15,052.67 | 10,243.99 (68) | 5,099.29 | 5,019.48 (98) |

**(ଉତ୍ସ: ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗ ଦ୍ୱାରା ଉପଲବ୍ଧ କରାଯାଇଥିବା ଏମ୍‌ଆଇଏସ୍‌ର ତଥ୍ୟ)**

ଉପରୋକ୍ତ ସାରଣୀ 1.4 ରୁ ଜଣାଗଲା ଯେ ଯୋଜନା କ୍ଷେତ୍ରରେ ପାଣ୍ଠି 2016-21 ବର୍ଷ ମଧ୍ୟରେ ବଜେଟ୍ ବ୍ୟବସ୍ଥା ତୁଳନାରେ 68 ରୁ 94 ପ୍ରତିଶତ ଥିଲା । ସେହିଭଳି ଅଣଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା ତୁଳନାରେ ପାଣ୍ଠି 2016-21 ମଧ୍ୟରେ 87 ରୁ 99 ପ୍ରତିଶତ ଥିଲା ।

## 1.7 ରାଜ୍ୟ ଅର୍ଥ ଆୟୋଗ (ଏସ୍ଏଫ୍‌ସି)ଙ୍କ ସୁପାରିଶ

ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ (2015-20) ତଳ ସ୍ତରରେ ଥିବା ଗଣତାନ୍ତ୍ରିକ ଅନୁଷ୍ଠାନକୁ ଦାୟିତ୍ୱ ସମ୍ପନ୍ନ ସ୍ଥାନୀୟ ସରକାର ହିସାବରେ ବିକଶିତ କରିବା ଦିଗରେ ରାଜ୍ୟ ସରକାରଙ୍କୁ ସହାୟତା ଓ ପରାମର୍ଶ ଦେବାକୁ ପ୍ରଚେଷ୍ଟା କରିଥିଲେ । ସେଥିରୁ କେତେକ ସୁପାରିଶ ସ୍ଥାନୀୟ ନିକାୟମାନଙ୍କୁ ସେମାନଙ୍କର ଆର୍ଥିକ ମୂଳଦୁଆକୁ ସୁଦୃଢ଼ କରିବା ସମ୍ପର୍କିତ ଥିଲା । ସୁପାରିଶ ଗୁଡ଼ିକୁ ଚାରୋଟି ମୁଖ୍ୟ ଶୀର୍ଷରେ ବିଭକ୍ତ କରାଯାଇଛି :

1. ପ୍ରତିଷ୍ଠାନିକ ଏବଂ ସଂଚରଣାତ୍ମକ ଦୃଢ଼ୀକରଣ
2. ସମ୍ବଳ ସୃଷ୍ଟି ଏବଂ ତତ୍‌ସଂକ୍ରାନ୍ତିୟ ଆଇନଗତ ବାଧା
3. ସାଧାରଣ ପ୍ରସଙ୍ଗ ଏବଂ
4. ପାଣ୍ଠି ହସ୍ତାନ୍ତର

ସେହିଭଳି, ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (2021-26) ଙ୍କ ଦ୍ୱାରା ପ୍ରଦତ୍ତ ସୁପାରିଶ ଗୁଡ଼ିକୁ ଚାରୋଟି ମୁଖ୍ୟ ଶୀର୍ଷରେ ବିଭକ୍ତ କରାଯାଇଛି :

1. ପାଣ୍ଠି ହସ୍ତାନ୍ତର
2. ଆନୁଷ୍ଠାନିକ ଦୃଢ଼ୀକରଣ
3. ସ୍ଥାନୀୟ ସରକାରଙ୍କର ଓଏସ୍‌ଆର୍ ବୃଦ୍ଧି ଦିଗରେ ପଦକ୍ଷେପର ଆବଶ୍ୟକତା ଏବଂ
4. ସାଧାରଣ ପ୍ରସଙ୍ଗ

ପିଆର୍ଆଇ ଗୁଡ଼ିକ ପାଇଁ 2016-17 ରୁ 2020-21 ଅବଧିରେ ରାଜ୍ୟ ଅର୍ଥ ଆୟୋଗ ମାନଙ୍କ ଦ୍ୱାରା ସୁପାରିଶ କରିଥିବା ମୋଟ ସଫଳ ସ୍ଥାନାନ୍ତରଣ ସାରଣୀ **1.5** ରେ ପ୍ରଦତ୍ତ ହେଲା ।

***ସାରଣୀ 1.5: ରାଜ୍ୟ ଅର୍ଥ ଆୟୋଗ ସୁପାରିଶ କରିଥିବା ସଫଳ ହସ୍ତାନ୍ତର***

*(ଟଙ୍କା କୋଟିରେ)*

| ବଣ୍ଟନ ପଦ୍ଧତି | 2016-17 | 2017-18 | 2018-19 | 2019-20 | 2020-21 | ସମୁଦାୟ |
|---|---|---|---|---|---|---|
| ହସ୍ତାନ୍ତର | 493.77 | 493.77 | 493.77 | 493.77 | 915.09 | 2,890.17 |
| କର ସମର୍ପଣ | 539.60 | 620.16 | 672.84 | 730.79 | 759.55 | 3,322.94 |
| ଅନୁଦାନ | 368.43 | 455.12 | 539.20 | 581.72 | 978.99 | 2,923.46 |
| ମୋଟ | **1,401.8** | **1,569.05** | **1,705.81** | **1,806.28** | **2,653.63** | **9,136.57** |

*(ଉତ୍ସ: ଚତୁର୍ଥ ଓ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ତଥ୍ୟ)*

2020-21 ଆର୍ଥିକ ବର୍ଷରେ ରାଜ୍ୟ ସରକାର 2,485.59 କୋଟି ଟଙ୍କା ପାଣ୍ଠି ରାଜ୍ୟ ଅର୍ଥ ଆୟୋଗ ବାବଦରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରିଥିଲେ ।

## *1.8 କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିଶ (ସିଏଫ୍‌ସି)*

ଚତୁର୍ଦ୍ଦଶ ଅର୍ଥ ଆୟୋଗ (2015-20) ଗ୍ରାମୀଣ ସ୍ଥାନୀୟ ନିକାୟଗୁଡ଼ିକୁ ଏକ ମୂଳ ଅନୁଦାନ ଏବଂ ସମ୍ପାଦନ ଅନୁଦାନ ପାଇଁ ସୁପାରିଶ କରିଥିଲେ । ଏହି ଅନୁଦାନଗୁଡ଼ିକ ମୌଳିକ ନାଗରିକ ସେବାରେ ବ୍ୟବହାର କରିବା ଲକ୍ଷ୍ୟ ଥିଲା । ଏଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ଜଳଯୋଗାଣ, ସଫେଇ ବ୍ୟବସ୍ଥା, ନାଳନର୍ଦ୍ଦମା ପରିଚାଳନା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା, ଜନ ସମ୍ପ୍ରଦାୟ ସମ୍ପତ୍ତି ପ୍ରତିପାଳନ, ରାସ୍ତା, ଚଲା ରାସ୍ତା, ରାସ୍ତାର ଆଲୋକୀକରଣ, ମଶାଣି ଏବଂ ସମାଧିସ୍ଥଳ ଇତ୍ୟାଦିର ରକ୍ଷଣାବେକ୍ଷଣ । ରାଜ୍ୟ ଗୁଡ଼ିକୁ ପାଞ୍ଚ ବର୍ଷ ପାଇଁ ମୂଳ ଅନୁଦାନର ସୁବିଧା ଦିଆଯାଇଥିଲା । ତେବେ ସମ୍ପାଦନ ଅନୁଦାନ ଗୁଡ଼ିକ 2016-17 ମସିହାରୁ କେତେକ ମାନଦଣ୍ଡ ପୂରଣ ପରେ ଦିଆଯିବାର ଥିଲା ।

ସେହିଭଳି, ପଞ୍ଚଦଶ ଅର୍ଥ ଆୟୋଗ 50 ପ୍ରତିଶତ ମୂଳ ଅନୁଦାନ ଏବଂ 50 ପ୍ରତିଶତ ଅନୁଦାନ ଦୁଇଟି କାର୍ଯ୍ୟକୁ ମିଶାଇ ଦିଆଯାଇଥିଲା । (କ) ଓଡିଏଫ୍ ଷ୍ଟାଟସରେ ସଫେଇ ବ୍ୟବସ୍ଥା ଏବଂ ପ୍ରତିଫଳନ (ଖ) ପାନୀୟ ଜଳ ଯୋଗାଣ, ବର୍ଷା ଜଳ ସଂରକ୍ଷଣ ଏବଂ ଜଳ ଚକ୍ର ।

ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ ଆୟୋଗ ଦ୍ୱାରା ସୁପାରିଶ କରାଯାଇଥିବା ଓଡ଼ିଶାକୁ ବର୍ଷ ଅନୁସାରେ ଅନୁଦାନ ବଣ୍ଟନ ସାରଣୀ **1.6** ରେ ଦର୍ଶାଯାଇଛି ।

***ସାରଣୀ 1.6: କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିଶ***

*(ଟଙ୍କା କୋଟରେ)*

| କ୍ର.ସଂ. | ବିଷୟ | 2016-17 | 2017-18 | 2018-19 | 2019-20 | 2020-21 | ମୋଟ |
|---|---|---|---|---|---|---|---|
| 1 | ମୂଳ ଅନୁଦାନ | 1,323.09 | 1,528.71 | 1,768.44 | 2,389.54 | 2,258.00[1] | 9,267.78 |
| 2 | ସମ୍ପାଦନ ଅନୁଦାନ | 173.55 | 196.40 | 223.04 | 292.05 | 0 | 885.04 |
| ମୋଟ | | **1,496.64** | **1,725.11** | **1,991.48** | **2,681.59** | **2,258.00** | **10,152.82** |

*(ଉତ୍ସ: ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ଅର୍ଥ ଆୟୋଗ ତଥ୍ୟ)*

ସୁପାରିଶ ଅନୁସାରେ ରାଜ୍ୟ ସରକାର 2,258 କୋଟି ଟଙ୍କା ଅର୍ଥ ଆୟୋଗ ବାବଦରେ 2020-21 ଆର୍ଥିକ ବର୍ଷରେ ପାଣ୍ଠି ପ୍ରାପ୍ତ କରିଥିଲେ ।

## *1.9 ଅଡିଟ୍ ଆଦେଶନାମା*

### *1.9.1 ପ୍ରାଥମିକ ଅଡିଟର*

ନିର୍ଦ୍ଦେଶକ, ସ୍ଥାନୀୟ ନିଧି ଅଡିଟ୍ (ଡିଏଲ୍ଏଫ୍ଏ) ହେଉଛନ୍ତି ରାଜ୍ୟ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ପ୍ରାଥମିକ ଅଡିଟର । ଏହା ରାଜ୍ୟର ଅର୍ଥ ବିଭାଗ ଅଧିନରେ ଏକ ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସ୍ଥାନୀୟ ନିଧି ସମୀକ୍ଷା ଅଧିନିୟମ, 1948 ଅନୁସାରେ କାର୍ଯ୍ୟ କରେ । ଡିଏଲ୍ଏଫ୍ଏ 25 ଟି ଜିଲ୍ଲା ଅଡିଟ୍ ଅଫିସ୍ ମାଧ୍ୟମରେ ସମସ୍ତ 30 ଟି ଜିଲ୍ଲାର

[1] ଉଭୟ ଯୁକ୍ତ ଏବଂ ଅଣଯୁକ୍ତ ଅନୁଦାନ

ପିଆର୍‌ଆଇ ଗୁଡ଼ିକୁ ଅଡିଟ୍ କରିଥାନ୍ତି । ମାର୍ଚ୍ଚ 2021 ସୁଦ୍ଧା ଡିଏଲ୍‌ଏଫ୍‌ଏ ଦ୍ଵାରା ଅଡିଟ୍ ହୋଇଥିବା ପିଆର୍‌ଆଇ ଗୁଡ଼ିକର ସ୍ଥିତି ସାରଣୀ ***1.7*** ରେ ପ୍ରଦତ୍ତ ହେଲା ।

***ସାରଣୀ 1.7: ଡିଏଲ୍‌ଏଫ୍‌ଏ ଦ୍ଵାରା ମାର୍ଚ୍ଚ 2021 ସୁଦ୍ଧା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଅଡିଟ୍ ସ୍ଥିତି***

| ବର୍ଷ | ଅଡିଟ୍ ପାଇଁ ଯୋଜନା ଥିବା ପିଆର୍‌ଆଇ ସଂଖ୍ୟା | | | ମୋଟ ଅଡିଟ୍ ହୋଇଥିବା ପିଆର୍‌ଆଇ ସଂଖ୍ୟା | | | କମ୍‌ତି (ପ୍ରତିଶତରେ) | | |
|---|---|---|---|---|---|---|---|---|---|
| | ଜିପି | ପିଏସ୍ | ଜେଡ୍‌ପି | ଜିପି | ପିଏସ୍ | ଜେଡ୍‌ପି | ଜିପି | ପିଏସ୍ | ଜେଡ୍‌ପି |
| **2018-19** | 4,444 | 314 | 30 | 3,932 | 310 | 28 | 512 (12) | 4(1) | 2(1) |
| **2019-20** | 3,941 | 314 | 30 | 3,425 | 305 | 30 | 516 (13) | 9(3) | 0 (0) |
| **2020-21** | 3,762 | 314 | 30 | 2,543 | 304 | 27 | 1,229(32) | 10 (3) | 3(10) |

***(ଉତ୍ସ: ସ୍ଥାନୀୟ ପାଣ୍ଠି ସମୀକ୍ଷା ନିର୍ଦ୍ଦେଶକ, ଓଡ଼ିଶାଙ୍କ ଠାରୁ ପ୍ରାପ୍ତ ତଥ୍ୟ)***

ସରକାର/ ଡିଏଲ୍‌ଏଫ୍‌ଏ ଅଡିଟ୍ ହୋଇନଥିବା ଗ୍ରାମ ପଞ୍ଚାୟତ ଗୁଡ଼ିକର ବକେୟା ହ୍ରାସ କରିବା ପାଇଁ ଭାରତର ସାର୍ବଜନିକ ସମୀକ୍ଷକ ଅନୁଷ୍ଠାନ (ଆଇପିଏଆଇ) ଙ୍କୁ ନିୟୋଜନ କରିଥିଲେ (ସେପ୍ଟେମ୍ବର 2010) । ଆଇପିଏଆଇ 2020-21 ଆର୍ଥିକ ବର୍ଷରେ 627 ଗ୍ରାମ ପଞ୍ଚାୟତ ଡିଏଲ୍‌ଏଫ୍‌ଏ ତରଫରୁ ଅଡିଟ୍ କରିଥିଲେ ।

### *1.9.2 ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ଦ୍ଵାରା ଅଡିଟ୍*

ତ୍ରୟୋଦଶ ଅର୍ଥ ଆୟୋଗଙ୍କ ସୁପାରଶ ଆଧାରରେ ରାଜ୍ୟ ସରକାର ଅପ୍ରେଲ 2011 ରେ ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ(ସିଏଜି)ଙ୍କୁ (କାର୍ଯ୍ୟ, କ୍ଷମତା ଓ ସେବା ସର୍ତ୍ତ) ଅଧିନିୟମ 1971 ର ଧାରା 20(କ) ଅନୁସାରେ ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଅଡିଟ୍ ପାଇଁ କାର୍ଯ୍ୟ ନ୍ୟସ୍ତ କରିଥିଲେ (ଅପ୍ରେଲ 2011) । ଏହା ବ୍ୟତୀତ, ସ୍ଥାନୀୟ ନିକାୟଗୁଡ଼ିକୁ ସମୀକ୍ଷା କରିବା ପାଇଁ ରାଜ୍ୟ ଅଡିଟ୍ ସଂସ୍ଥା ଯଥା: ସ୍ଥାନୀୟ ନିଧି ଅଡିଟ୍ (ଏଲ୍‌ଏଫ୍‌ଏ) କୁ ବୈଷୟିକ ଦିଗ୍‌ଦର୍ଶନ ଓ ସହାୟତା (ଟିଜିଏସ୍) ଯୋଗାଇବା ପାଇଁ ସିଏଜିଙ୍କୁ ଅନୁରୋଧ କରାଯାଇଥିଲା । ସରକାର ଜୁଲାଇ 2011 ରେ ସରକାରୀ ଗେଜେଟ୍‌ରେ ବୈଷୟିକ ଦିଗ୍‌ଦର୍ଶନ ଓ ସହାୟତାର ମାନଦଣ୍ଡକୁ ଅଧିସୂଚୀତ କଲେ । ଟିଜିଏସ୍ ବ୍ୟବସ୍ଥା ଅନୁସାରେ ଡିଏଲ୍‌ଏଫ୍‌ଏ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଗଲା, ଥେମାଟିକ୍ ଅଡିଟ୍ ପାଇଁ ବିଷୟ ପରାମର୍ଶ ଦିଆଗଲା ଏବଂ ନିର୍ଦ୍ଦେଶାବଳୀ ଜାରି କରାଗଲା ।

## *1.10 ପ୍ରତିବେଦନ କରିବା ବ୍ୟବସ୍ଥା*

### *1.10.1 ପ୍ରାରମ୍ଭିକ ଅଡିଟରଙ୍କ ଅଡିଟ୍ ପ୍ରତିବେଦନ*

ତ୍ରୟୋଦଶ ଅର୍ଥ ଆୟୋଗଙ୍କ ସୁପାରଶ ଏବଂ ଓଏଲ୍‌ଏଫ୍‌ଏ(ସଂଶୋଧିତ) ନିୟମ 2015 ର ବ୍ୟବସ୍ଥା ଅନୁସାରେ ଡିଏଲ୍‌ଏଫ୍‌ଏ ପୂର୍ବ ବର୍ଷର ଏକ ସଂକଳିତ ପ୍ରତିବେଦନ ପ୍ରତିବର୍ଷ ସେପ୍ଟେମ୍ବର 30 ସୁଦ୍ଧା ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ପାଖରେ ଦାଖଲ କରିବେ ଯାହାକି ରାଜ୍ୟ ବିଧାନ ସଭାରେ ଆଗତ ହେବ । 2019-20 ବର୍ଷର ବାର୍ଷିକ ପ୍ରତିବେଦନ ଓଡ଼ିଶା ବିଧାନ ସଭାରେ ସେପ୍ଟେମ୍ବର 2021 ରେ ଆଗତ ହୋଇଥିଲା ।

### *1.10.2 ସ୍ଥାନୀୟ ନିକାୟଗୁଡ଼ିକ ଉପରେ ସିଏଜିଙ୍କ ପ୍ରତିବେଦନ*

ମାର୍ଚ୍ଚ 2017 ରେ ସମାପିତ ବର୍ଷ ପାଇଁ ଅଡିଟ୍ ପ୍ରତିବେଦନ 26 ମାର୍ଚ୍ଚ 2018 ରେ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ କରାଯାଇଥିଲା ।

### *1.10.3 ଅଡିଟ୍ ଅବଲୋକନ ଉପରେ ଜବାବ*

2020-21 ଆର୍ଥିକ ବର୍ଷରେ 3,484 ଟି ଅନୁଚ୍ଛେଦ ଏବଂ 554 ଟି ନିରୀକ୍ଷଣ ପ୍ରତିବେଦନର ତ୍ରିକୋଣୀୟ କମିଟି ବୈଠକ[2] ଏବଂ ମୁଖ୍ୟାଳୟ ସ୍ତରରେ ପୁନରୀକ୍ଷଣ ଦ୍ୱାରା ମୀମାଂସିତ ହୋଇଥିଲା । 31 ମାର୍ଚ୍ଚ 2021 ସୁଦ୍ଧା, 3,472 ନିରୀକ୍ଷଣ ପ୍ରତିବେଦନ ସଂପର୍କିତ 16,072 ଟି ଅନୁଚ୍ଛେଦ ଅମୀମାସିତ ରହିଥିଲା ।

2005-06 ରୁ 2014-15 ମଧ୍ୟରେ ମହାଲେଖାକାର (ଅଡିଟ୍-I), ଓଡ଼ିଶାଙ୍କ ତରଫରୁ ପଞ୍ଚାୟତିରାଜ ଅନୁଷ୍ଠାନ ଉପରେ ନଅଟି ବାର୍ଷିକ ବୈଷୟିକ ନିରୀକ୍ଷଣ ପ୍ରତିବେଦନ ଜାରି କରିଥିଲେ । 2016 ଏବଂ 2017 ସମାପିତ ବର୍ଷ ପାଇଁ ସ୍ଥାନୀୟ ନିକାୟଗୁଡ଼ିକ ଉପରେ ସିଏଜି ପ୍ରତିବେଦନ 2016-17 ଏବଂ 2017-18 ଆର୍ଥିକ ବର୍ଷ ମଧ୍ୟରେ ପ୍ରସ୍ତୁତ ହୋଇଥିଲା ଏବଂ ବିଧାନ ସଭାରେ ଯଥାକ୍ରମେ 16 ସେପ୍ଟେମ୍ବର 2017 ଏବଂ 26 ମାର୍ଚ୍ଚ 2018 ରେ ଉପସ୍ଥାପିତ ହୋଇଥିଲା । 2019 ଓ 2020 ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଉପରେ ହୋଇଥିବା ଅଡିଟ୍ ଅବଲୋକନଗୁଡ଼ିକ ସିଏଜିଙ୍କର ଜି ଆଣ୍ଡ ଏସ୍‌ଏସ୍‌ଏ ପ୍ରତିବେଦନ ଯଥାକ୍ରମେ 3 ଅପ୍ରେଲ 2021 ଏବଂ 10 ଡିସେମ୍ବର 2021 ରେ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ହୋଇଥିଲା । ଏହିସବୁ ପ୍ରତିବେଦନ ଗୁଡ଼ିକର ଜବାବରେ ପଞ୍ଚାୟତିରାଜ ବିଭାଗ ସାଧାରଣ ଅଡିଟ୍ ଆପତ୍ତି ପ୍ରଭୃତିରୁ ଦୂରରେ ରହିବା ପାଇଁ ଏକ ମାର୍ଗଦର୍ଶିକା ପିଡି, ଡିଆର୍‌ଡିଏ ଏବଂ ବିଡିଓ ମାନଙ୍କୁ ଜାରି କରିଥିଲା । ବିଭାଗ ମଧ୍ୟ ଅଡିଟ୍ ରିପୋର୍ଟ ଗୁଡ଼ିକର ଅନୁପାଳନ ସମୀକ୍ଷା ପାଇଁ ଜିଲ୍ଲା ଅଡିଟ୍ ପର୍ଯ୍ୟାଲୋଚନା କମିଟି ଗଠନ କରିଥିଲା (ଫେବୃଆରୀ 2015) ।

[2] ତ୍ରିକୋଣୀୟ କମିଟି ବୈଠକ କାର୍ଯ୍ୟକାରୀ ଏଜେନ୍ସୀ, ସେମାନଙ୍କର ବିଭାଗୀୟ ପ୍ରତିନିଧି ଓ ଅଡିଟ୍ ମଧ୍ୟରେ ପୂର୍ବ ବଳକା ଅନୁଚ୍ଛେଦ ଓ ନିରୀକ୍ଷଣ ପ୍ରତିବେଦନ ମୀମାଂସିତ କରିବା ପାଇଁ ହୁଏ ।

**ଭାଗ ଖ**

**ଦାୟିତ୍ୱଧିନତା ସଂକ୍ରିୟା ଏବଂ ଅର୍ଥନୈତିକ ପ୍ରତିପେଦନ ପ୍ରସଙ୍ଗ**

### *1.11 ଦାୟିତ୍ୱଧିନତା ସଂକ୍ରିୟା*

### *(i) ନ୍ୟାୟପାଳ (ଓମ୍ବୁଡସ୍‌ମ୍ୟାନ୍)*

ନ୍ୟାୟାପାଳ ଏକ ଅନୁଷ୍ଠାନ ଯାହା ଏମ୍‌ଜିଏନ୍‌ଆର୍‌ଇଜିଏ ଧାରା 27 ଅନୁସାରେ ଗଠିତ ଓ ଏହା ଜିଲ୍ଲା ସ୍ତରରେ ଏମ୍‌ଜିଏନ୍‌ଆର୍‌ଇଜି ଅଧିନିୟମ ଏବଂ ଯୋଜନା ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ଶୁଣାଣି ପାଇଁ ଏକ ସାଧୀନ ଅଭିଯୋଗ ପ୍ରତିକାର ସଂସ୍ଥା ରୂପେ କାର୍ଯ୍ୟ କରେ । ଏହା ସମୁଚିତ ପଦାଧିକାରୀମାନଙ୍କୁ ପ୍ରତିକାର ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଭୁଲ୍ କରୁଥିବା ପଦାଧିକାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଓ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥାଏ । ନ୍ୟାୟପାଳଙ୍କର କାର୍ଯ୍ୟକାଳ ଦୁଇ ବର୍ଷ ଅଟେ, ଯାହାକି ଆହୁରି ଏକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ । 2020-21 ଆର୍ଥିକ ବର୍ଷରେ 10 ଜଣ ନ୍ୟାୟପାଳ ଏମ୍‌ଜିଏନ୍‌ଆର୍‌ଇଜି ଅଧିନିୟମ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ପ୍ରତିକାର ନିମନ୍ତେ ନିଯୁକ୍ତି ପାଇଥିଲେ ।

### *(ii) ଲୋକାୟୁକ୍ତ*

ରାଷ୍ଟ୍ରପତି ଜାନୁଆରୀ 2015 ରେ ଓଡ଼ିଶା ଲୋକାୟୁକ୍ତ ବିଲ୍‌କୁ ଅନୁମୋଦନ କରିଥିଲେ । ତଦନୁସାରେ ରାଜ୍ୟ ସରକାର (ମାର୍ଚ୍ଚ 2019) ରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ । ଓଡ଼ିଶା ଲୋକାୟୁକ୍ତ 2014 ନିୟମର ଧାରା 3 ଅନୁସାରେ ଜଣେ ସଭାଧ୍ୟକ୍ଷ ଏବଂ ପାଞ୍ଚ ଜଣ ସଭ୍ୟଙ୍କୁ ନେଇ ଗଠିତ ହେବ । 2020-21 ବର୍ଷ ମଧ୍ୟରେ ସଂସ୍ଥାଟି 3 ଜଣ ସଭ୍ୟ ଏବଂ ଜଣେ ସଭାଧକ୍ଷଙ୍କୁ ନେଇ କାର୍ଯ୍ୟ କରିଥିଲା ।

### *(iii) ସାମାଜିକ ଅଡିଟ୍*

ରାଜ୍ୟ ସରକାର ସାମାଜିକ ସମୀକ୍ଷା ଦାୟିତ୍ୱଧିନତା ଓ ସ୍ୱଚ୍ଛତା ପାଇଁ ଓଡ଼ିଶା ସମିତି ନାମକ ଏକ ସାଧୀନ ସାମାଜିକ ସମୀକ୍ଷା ସମିତି (ଏସ୍‌ଏୟୁ) ଗଠନ କରିଛନ୍ତି । ମାର୍ଚ୍ଚ 2021 ସୁଦ୍ଧା ଏହା ଜଣେ ନିର୍ଦ୍ଦେଶକ ଏବଂ ଛଅ ଜଣ ସାମାଜିକ ଅଡିଟ୍ ବିଶେଷଜ୍ଞଙ୍କୁ ନେଇ କାର୍ଯ୍ୟ କରୁଅଛି । ପୁନଶ୍ଚ, 29 ଜଣ ଜିଲ୍ଲା ଉତ୍ସ ବ୍ୟକ୍ତିମାନେ ଜିଲ୍ଲା ସ୍ତରରେ 223 ବ୍ଲକ ଉତ୍ସ ବ୍ୟକ୍ତିମାନେ ପଞ୍ଚାୟତ ସମିତି ସ୍ତରରେ ଏବଂ 9,596 ଗ୍ରାମ ଉତ୍ସ ବ୍ୟକ୍ତିମାନେ ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିଥିଲେ । ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଗୁଡ଼ିକ ଅନ୍ୟାନ୍ୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ ବର୍ଷକୁ ଦୁଇ ଥର ଲେଖାଏଁ ସାମାଜିକ ଅଡିଟ୍ କରାଯାଇଥିଲା ।

### *1.12 ଉପଯୋଗ ପ୍ରମାଣ ପତ୍ର (ୟୁସି) ପ୍ରଦାନରେ ବିଳମ୍ବ*

ଏହା ଦେଖାଗଲା ଯେ 2020-21 ବର୍ଷରେ ଅଡିଟ୍ ହୋଇଥିବା ଆଠଟି ପଞ୍ଚାୟତ ସମିତି ମଧ୍ୟରୁ ପାଞ୍ଚଟିରେ ବ୍ୟୟ କରାଯାଇଥିବା 117.48 କୋଟି ଟଙ୍କା ମଧ୍ୟରୁ 47.99 କୋଟି ଟଙ୍କାର ୟୁସି ପ୍ରଦାନ କରାଯାଇ ନଥିଲା ।

### *1.13 ବକେୟା ଅଗ୍ରୀମ*

ଆଠଟି ପଞ୍ଚାୟତ ସମିତିର ଅଡିଟ୍‌ରୁ ଏହା ଦେଖାଗଲା ଯେ ମାର୍ଚ୍ଚ 2021 ସୁଦ୍ଧା 13.12 କୋଟି ଟଙ୍କାର ଅଗ୍ରୀମ ଅସମାୟୋଜିତ ହୋଇ ରହିଥିଲା । ପଞ୍ଚାୟତ ସମିତି ମାନଙ୍କରେ ଅଗ୍ରୀମ ଖାତା ନଥିବାରୁ ଅଗ୍ରୀମ ପ୍ରଦାନର ତାରିଖ ଓ କାରଣ ପ୍ରଭୃତି ଅଡିଟରେ ଠିକ୍ ଭାବେ ଆକଳନ କରାଯାଇନଥିଲା ।

### *1.14 କ୍ୟାସ୍ ବହିର ଅବଶେଷ ମେଳକ ନହେବା*

2020-21 ବର୍ଷରେ ଅନୁପାଳନ ଅଡିଟରେ ଦେଖାଗଲା ଯେ ଆଠଟିରୁ ସାତଟି ପଞ୍ଚାୟତ ସମିତିରେ 11.46 କୋଟି ଟଙ୍କାର କ୍ୟାସ୍ ବହିର ଅବଶେଷ ଏବଂ ବ୍ୟାଙ୍କ ଖାତା ମଧ୍ୟରେ ତାରତମ୍ୟ ରହିଥିଲା ।

### *1.15 ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ହିସାବ ପରିଚାଳନା*

- ପଞ୍ଚାୟତ ସମିତିର ହିସାବ ସଂପୃକ୍ତ ପଞ୍ଚାୟତ ସମିତି ଦ୍ୱାରା ରଖାଯାଏ ଓ ଗ୍ରାମ ପଞ୍ଚାୟତ ମାନଙ୍କର ହିସାବରକ୍ଷଣ ପାଇଁ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତି ହୋଇଥାଆନ୍ତି । ଓଡ଼ିଶା ସ୍ଥାନୀୟ ନିଧି ଅଡିଟ୍ ନିୟମାବଳୀ

1951 ର ନିୟମ 20 (ଏଚ୍) ଅନୁଯାୟୀ ପଞ୍ଚାୟତିରାଜ ବିଭାଗ ଗୁଡ଼ିକର ହିସାବ ନିର୍ଦ୍ଦେଶକ, ସ୍ଥାନୀୟ ନିଧି ସମୀକ୍ଷା ଦ୍ୱାରା ପ୍ରମାଣିତ କରାଯାଏ ।

- 4,106 ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ହିସାବ ମଧ୍ୟରୁ ନିର୍ଦ୍ଦେଶକ, ସ୍ଥାନୀୟ ନିଧି ଅଡିଟ୍ 2020-21 ରେ 2,874 ଟି ହିସାବ ପ୍ରମାଣିତ କରିଥିଲେ ।
- ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ (ଏମ୍ଓଆର୍ଡି) ଅପ୍ରେଲ 2020 ରେ ଇ-ଗ୍ରାମ ସ୍ୱରାଜ ନାମକ ଏକ ସରଳ କାର୍ଯ୍ୟ ଉପରେ ନିର୍ଦ୍ଧାରିତ ହିସାବ ପଦ୍ଧତି ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କର ହିସାବ ପରିଚାଳନା ପାଇଁ ପ୍ରଚଳନ କରିଥିଲେ । ମାର୍ଚ୍ଚ 2021 ସୁଦ୍ଧା ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସେମାନଙ୍କର ଭାଉଚର ଇ-ଗ୍ରାମ ସ୍ୱରାଜ୍ୟରେ ଅପ୍‌ଲୋଡ୍ କରିଥିଲେ ।